# NATIONAL NEWS BULLETIN (ODIA)
## 14 April - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡରେ ବର୍ଷବ୍ୟାପୀ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ
- ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାରରେ ଅଂଶଗ୍ରହଣ କଲେ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ

– 'ମେରା ବୁଥ୍, ସବ୍‌ସେ ମଜଭୁତ' ବାର୍ତ୍ତା ନେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

- ବିହାରରେ ଏନ୍.ଡି.ଏ. ବିଧାୟକ ଦଳ ନେତା ନିର୍ବାଚିତ ହେଲେ ବିଜେପିର ସମ୍ରାଟ ଚୌଧୁରୀ; ଆସନ୍ତାକାଲି ଶପଥ ଗ୍ରହଣ
- ହର୍ମୁଜ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟରେ ଫ୍ରାନ୍ସ ଓ ବ୍ରିଟେନ୍ ପକ୍ଷରୁ ଆରମ୍ଭ ହେବ ଅଭିଯାନ; ଯୋଗଦେବେ ଯୁଦ୍ଧ ବିପକ୍ଷବାଦୀ ରାଷ୍ଟ୍ର ସମୂହ

ଏବଂ

- ଆଇପିଏଲ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗ୍‌ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା କୋଲକାତା ନାଇଟ୍ ରାଇଡର୍ସ

# ପିଏମ୍- ଡେରାଡୁନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡରେ ବର୍ଷସାରା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶୀତକାଳୀନ ପର୍ଯ୍ୟଟନ, ଶୀତକାଳୀନ କ୍ରୀଡ଼ା ଏବଂ 'ଡେଷ୍ଟିନେସନ ୱେଡିଂ' ପାଇଁ ରାଜ୍ୟରେ ବଢୁଥିବା ଲୋକପ୍ରିୟତା ବିଷୟରେ ସେ ଆଲୋକପାତ କରିବା ସହ ଦେବଭୂମିରେ ସ୍ୱଚ୍ଛତା ବଜାୟ ରଖିବାକୁ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ଡେରାଡୁନଠାରେ ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡରର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟର ଅର୍ଥନୀତି ପାଇଁ ୧୨ ମାସିଆ ପର୍ଯ୍ୟଟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

୨୦୨୩ ମସିହାରେ ନିଜର କୈଳାସ ଏବଂ ଓମ୍ ପର୍ବତ ଭ୍ରମଣ ବିଷୟରେ ସୂଚନା ଦେଇ ସେ କହିଛନ୍ତି, ସେବେଠାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଉଥିବା ସେ ଲକ୍ଷ୍ୟ କରିଛନ୍ତି। ପୂର୍ବରୁ ଶୀତଦିନେ ଅଳ୍ପ ସଂଖ୍ୟକ ତୀର୍ଥଯାତ୍ରୀ ସେଠାକୁ ଯାଉଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୪୦ ହଜାରରୁ ଅଧିକ ହୋଇଛି। ଏହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରିଛି।

ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡର ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ହୋଟେଲ, ପର୍ଯ୍ୟଟନ, ପରିବହନ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସେବା ସହ ଜଡ଼ିତ ଲୋକଙ୍କ ଆୟ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆଗାମୀ କୁମ୍ଭମେଳାରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଉତ୍ତରାଖଣ୍ଡ ଭ୍ରମଣ କରିବାର ଆଶା କରାଯାଉଛି। ପର୍ଯ୍ୟଟନକୁ ବଜାୟ ରଖିବା ଏବଂ ରାଜ୍ୟ ପାଇଁ ଦୀର୍ଘକାଳୀନ ଅର୍ଥନୈତିକ ଲାଭ ନିଶ୍ଚିତ କରିବା ପାଇଁ ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପବିତ୍ରତା ରକ୍ଷା କରିବା ଅପରିହାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ଡବ୍ଲ୍ୟୁବି- ଇଲେକସନ୍ ର୍ୟାଲି

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବିଜେପି ଦାର୍ଜିଲିଂ ପାର୍ବତ୍ୟାଞ୍ଚଳରେ ଗୋର୍ଖା ସମସ୍ୟାର ସମାଧାନ କରିବ। ପଶ୍ଚିମବଙ୍ଗକୁ ବିଭାଜିତ ନ କରି ଏହି ସମସ୍ୟାର ସମାଧାନ ସମ୍ଭବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁରର ଉତ୍ତରବଙ୍ଗ ଜିଲ୍ଲାସ୍ଥିତ ଗଙ୍ଗାରାମପୁରଠାରେ ଏକ ନିର୍ବାଚନ ର୍ୟାଲିକୁ ସମ୍ବୋଧନ କରି ଶ୍ରୀ ଶାହା ଏହା କହିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ। ଆସନ୍ତା ବିଧାନସଭା

ନିର୍ବାଚନରେ ବିଜେପି କ୍ଷମତାକୁ ଆସିଲେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ଶ୍ରୀ ଶାହା ଏହି ଅବସରରେ ଆଲୋକପାତ କରିଛନ୍ତି। ରାଜ୍ୟରେ ସମାନ ନାଗରିକ ସଂହିତା ପ୍ରଚଳନ ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି। ସିଲିଗୁଡ଼ିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁପସ୍ଥିତି ଉପରେ ଆଲୋକପାତ କରି ଶ୍ରୀ ଶାହା ରାଜ୍ୟରେ ଆଦିବାସୀ ବିକାଶ ପାଇଁ ତୃଣମୂଳ କଂଗ୍ରେସ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହିଁ ବୋଲି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାୟଗଞ୍ଜ ଏବଂ ମାଲଦା ନିର୍ବାଚନ ର୍ୟାଲିକୁ ସମ୍ବୋଧନ କରି ତୃଣମୂଳ କଂଗ୍ରେସ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ସମାଲୋଚନା କରିଛନ୍ତି।

## ମୋଦୀ– ଡବ୍ଲ୍ୟୁବି ଓ୍ୱାରକର୍ସ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'ନମୋ ଆପ୍' ଜରିଆରେ 'ମେରା ବୁଥ୍ ସବସେ ମଜବୁତ୍' ବାର୍ତ୍ତା ନେଇ ଅଧୀନରେ ପଶ୍ଚିମବଙ୍ଗର ଦଳୀୟ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଶ୍ରୀ ମୋଦୀ କହିଛନ୍ତି, ବିଜେପି ପକ୍ଷରୁ ଜାରି କରାଯାଇଥିବା ସଂକଳ୍ପ ପତ୍ରକୁ ରାଜ୍ୟବାସୀ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଯେଉଁ ଶକ୍ତି, ଉତ୍ସାହ ଏବଂ ଉନ୍ମାଦନା ଦେଖିବାକୁ ମିଳୁଛି ତାହା ଅତ୍ୟନ୍ତ ପ୍ରଶଂସନୀୟ। ତୃଣମୂଳ କଂଗ୍ରେସ ଶାସନର କୁଶାସନ ବିଷୟରେ ଲୋକଙ୍କୁ ପ୍ରଭାବଶାଳୀ ଭାବେ ଅବଗତ କରୁଥିବାରୁ ଶ୍ରୀ ମୋଦୀ ଦଳୀୟ କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ବିଜେପିର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସମାଜର ସମସ୍ତ ବର୍ଗର ଲୋକେ ଉତ୍ସାହର ସହ ଅଂଶଗ୍ରହଣ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଭିପି- ଆମ୍ବେଦକର ଲେକଚର

ଦେଶରେ ସମାବେଶୀ ବ୍ୟବସ୍ଥା, ସମାନ ଅଧିକାର ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କୁ ସାଂସ୍କୃତିକ ଓ ଶିକ୍ଷାଗତ ସ୍ୱାଧୀନତା ପ୍ରଦାନ କରିବା ପାଇଁ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର ପ୍ରୟାସ କରିଥିଲେ ବୋଲି ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ କହିଛନ୍ତି। ନୂଆଦିଲ୍ଲୀରେ ଦ୍ୱିତୀୟ ଡକ୍ଟର ଭୀମରାଓ ଆମ୍ବେଦକର ସ୍ମାରକୀ ବକ୍ତୃତା ସମାବେଶକୁ ସମ୍ବୋଧନ କରି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି,  ଡକ୍ଟର ଆମ୍ବେଦକରଙ୍କ ଦୃଷ୍ଟିକୋଣ ଆଧାରରେ ଭାରତ ଶକ୍ତି ବ୍ୟାପକତା ଏବଂ ବିବିଧତା ତଥା ଭାଷା ସଂସ୍କୃତି ପରମ୍ପରା କ୍ଷେତ୍ରରେ ପରିଚୟ ସୃଷ୍ଟି କରିପାରିଛି। ଡକ୍ଟର ଭୀମରାଓ ଆମ୍ବେଦକରଙ୍କର ୧୩୬ତମ ଜନ୍ମଦିବସ ଆଜି ଦେଶବ୍ୟାପୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହେଉଛି।

## ବିହାର ନ୍ୟୁ ସିଏମ୍

ବିହାରରେ ଭାରତୀୟ ଜନତା ପାର୍ଟିର ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏନ୍.ଡି.ଏ. ବିଧାୟକ ଦଳର ନେତା ଭାବେ ନିର୍ବାଚିତ ହୋଇଛନ୍ତି। ଏହାଦ୍ୱାରା ପାଟନାରେ ଏନ୍.ଡି.ଏ. ବିଧାୟକ ଦଳର ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରୀ ଚୌଧୁରୀ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ଚୌଧୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେ ବିହାରକୁ ଆଗକୁ ନେବା ପାଇଁ ପ୍ରୟାସ କରିବେ। ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ଚୌଧୁରୀ  ଆସନ୍ତାକାଲି ଶପଥ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି।

## ଗଭର୍ଣ୍ଣମେଣ୍ଟ- ଏଲ୍‌ପିଜି

ହର୍ମୁଜ ପ୍ରଣାଳୀ ନେଇ ପରିବହନ କ୍ଷେତ୍ରରେ ବିଶ୍ୱସ୍ତରୀୟ ଅନିଶ୍ଚିତତା ସତ୍ତ୍ୱେ ଦେଶବ୍ୟାପୀ ଘରୋଇ ଏଲ୍.ପି.ଜି., ପି.ଏନ୍.ଜି ଏବଂ ସି.ଏନ୍.ଜି.ର ଯୋଗାଣ ଶତପ୍ରତିଶତ ଜାରି ରହିଛି ବୋଲି ସରକାର କହିଛନ୍ତି। ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କହିଛି, ଅନଲାଇନ୍ ଏଲ୍.ପି.ଜି. ବୁକିଂ ୯୮ ପ୍ରତିଶତକୁ ବୃଦ୍ଧି ପାଇଛି। ପ୍ରବାସୀ ଶ୍ରମିକଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ଗତ ମାର୍ଚ୍ଚ ମାସ ୨୩

ତାରିଖରୁ ଏ ପର୍ଯ୍ୟନ୍ତ ୧୪ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଖୋଲା ବଜାରରେ ୫ କିଲୋଗ୍ରାମ ବିଶିଷ୍ଟ  ଏଲ୍.ପି.ଜି. ସିଲିଣ୍ଡର ବିକ୍ରି ହୋଇସାରିଛି। ଇତିମଧ୍ୟରେ ପି.ଏନ୍.ଜି. ସଂଯୋଗ ୪ ଲକ୍ଷରୁ ଅଧିକ ହୋଇଛି। ପ୍ରାୟ ୪ ଲକ୍ଷ ୮୮ ହଜାର ନୂତନ ଗ୍ରାହକ ସଂଯୋଗୀକରଣ ପାଇଁ ପଞ୍ଜୀକରଣ କରିଛନ୍ତି। ଗତ ମାସ ୧୪ ତାରିଖରୁ ଏ ପର୍ଯ୍ୟନ୍ତ ମୋଟ୍ ୧ ଲକ୍ଷ ୩୧ ହଜାର ଟନ୍ ବାଣିଜ୍ୟିକ ଏଲ୍.ପି.ଜି. ବିକ୍ରୟ ହୋଇସାରିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ପଶ୍ଚିମ ଏସିଆର ପ୍ରଭାବିତ ଅଞ୍ଚଳରେ ସବୁ ଭାରତୀୟ ନାଗରିକ ସୁରକ୍ଷିତ ଅଛନ୍ତି। ଏ ପର୍ଯ୍ୟନ୍ତ ୨ ହଜାର ୨୦୦ରୁ ଅଧିକ ଲୋକଙ୍କୁ ସ୍ୱଦେଶ ଫେରାଇ ଅଣାଯାଇପାରିଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପଶ୍ଚିମ ଏସିଆରେ ଭାରତୀୟ ଦୂତାବାସ ପକ୍ଷରୁ ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକାରୀ ହୋଇଛି। ଫେବୃଆରୀ ଶେଷଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ୯ ଲକ୍ଷ ୫୫ ହଜାର ଯାତ୍ରୀ ପ୍ରଭାବିତ ଅଞ୍ଚଳରୁ ଭାରତକୁ ଯାତ୍ରା କରିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି। ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଞ୍ଚଳିକ ବିକାଶ ଏବଂ ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା

ନେଇ କୁଏତ, ଇସ୍ରାଏଲ, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଥିବା ମନ୍ତ୍ରଣାଳୟ କହିଛି ।

## ଫ୍ରାନ୍ସ-ୟୁକେ କନଫରେନ୍ସ

ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ କ୍ଷେତ୍ରରେ ସ୍ୱାଧୀନତାକୁ ପୁନଃସ୍ଥାପନ କରିବା ଲକ୍ଷ୍ୟ ନେଇ ଆସନ୍ତା ଶୁକ୍ରବାର ଦିନ ପ୍ୟାରିସଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଛି । ଏଥିରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ କେଇର ଷ୍ଟାରମର୍ ସହ-ଅଧ୍ୟକ୍ଷତା କରିବେ । ଏ ସମ୍ପର୍କରେ ସୂଚନା ଦେଇ ରାଷ୍ଟ୍ରପତି ମାକ୍ରୋନ୍‌ଙ୍କ କାର୍ଯ୍ୟାଳୟ କହିଛି, ସୁରକ୍ଷା ପରିସ୍ଥିତି ନେଇ ଅନୁମତି ମିଳିବା ପରେ ଯୁଦ୍ଧ ସପକ୍ଷରେ ନଥିବା ରାଷ୍ଟ୍ରଗୁଡ଼ିକ ଏହି ସମ୍ମିଳନୀରେ ଯୋଗଦେବାକୁ ଆମନ୍ତ୍ରଣ କରାଯିବ । ତେବେ ଆଭାସୀ ମାଧ୍ୟମରେ ମଧ୍ୟ ଏହି ସମ୍ମିଳନୀରେ ରାଷ୍ଟ୍ରଗୁଡ଼ିକର ଯୋଗଦାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ମାକ୍ରୋନ୍‌ଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି । ହର୍ମୁଜ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଏକ ସମ୍ପୂର୍ଣ୍ଣ ପ୍ରତିରକ୍ଷା ଅଭିଯାନକୁ ସମର୍ଥନ କରିବା ଲକ୍ଷ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଉଛି ।

## ସିଜି ଏକ୍ସପ୍ଲୋଜନ

ଛତିଶଗଡ଼ର ଶକ୍ତି ଜିଲ୍ଲାରେ ଏକ ପାୱାର ପ୍ଲାଣ୍ଟରେ ବିସ୍ଫୋରଣ ଘଟି ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଏଥିରେ ୧୫ ଜଣ ଆହତ ହୋଇଛନ୍ତି ।

କେତେ ଜଣ ଶ୍ରମିକ ଘଟଣାସ୍ଥଳରେ ଫସି ରହିଥିବା ନେଇ ସ୍ଥାନୀୟ ପୁଲିସ ସୂଚନା ଦେଇଛି। ପ୍ରାଥମିକ ସୂଚନା ଅନୁସାରେ, ଆଜି ଅପରାହ୍ନରେ ସିଂଘୀତରାଇ ଗ୍ରାମସ୍ଥିତ ବେଦାନ୍ତ ପାୱାର ପ୍ଲାଣ୍ଟର ଏକ ବଏଲର ଟ୍ୟୁବ୍‌ରେ ବିସ୍ଫୋରଣ ଘଟିଥିଲା।

ସ୍ଥାନୀୟ ପ୍ରଶାସନ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାରଖାନା ଭିତରେ ରହିଯାଇଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି।

## ବିଜେପି ପ୍ରେସ୍– ନାରୀ ଶକ୍ତି

'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ବିଜେପି ସଭାପତି ନିତିନ ନବୀନ କହିଛନ୍ତି। ସାରା ଦେଶର ମହିଳାମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲିଖିତ ପତ୍ରର ଉଲ୍ଲେଖ କରି ଶ୍ରୀ ନବୀନ କହିଛନ୍ତି,  ଦେଶର ଭବିଷ୍ୟତ ଗଠନରେ ମହିଳାମାନଙ୍କର ସମାନ ସ୍ୱର ରହିଲେ ପ୍ରକୃତ ଅନ୍ତର୍ଭୁକ୍ତିମୂଳକ ଗଣତନ୍ତ୍ର ରାଷ୍ଟ୍ର ସମ୍ଭବ ହୋଇପାରିବ। ଶ୍ରୀ ନବୀନ କହିଛନ୍ତି, ନୀତି ନିର୍ଦ୍ଧାରଣରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣ କେବଳ ଆବଶ୍ୟକ ନୁହେଁ, ବରଂ ଏହା ନାରୀ ଶକ୍ତିର ନେତୃତ୍ୱ

ଓ ଦକ୍ଷତାର ଯଥାର୍ଥ ସ୍ୱୀକୃତି। ବିଜେପି ସଭାପତି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ଏହି ପରିବର୍ତ୍ତନଶୀଳ ଆଇନକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ ଅଳ୍ପ ସମୟପରେ ଚେନ୍ନାଇ ସୁପରକିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଚେନ୍ନାଇସ୍ଥିତ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।